ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us: Facebook YouTube Twitter

ବର୍ଷ-୬ | ସଂଖ୍ୟା-୨ | ମଙ୍ଗଳବାର | ୨୫ ମାର୍ଚ୍ଚ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-2 | Tuesday | 25 March 2025 | Bhubaneswar | Pages-8 | Rs. 2.00

### ଓଡିଶାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

## ନୟାଗଡ କଣ୍ଟିଲୋରେ ନୀଳମାଧବଙ୍କୁ କଲେ ଦର୍ଶନ



ଭୁବନେଶ୍ୱର/ନୟାଗଡ, ୨୪।୩ (ପିଆଇବି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଓଡିଶା ଗସ୍ତରେ ଆସି ସୋମବାର ନୟାଗଡରେ ପହଞ୍ଚିଛନ୍ତି। ସେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଏକ ସ୍ୱତନ୍ତ୍ର ହେଲିକାପ୍ଟରରେ ନୟାଗଡ ଯାଇଥିଲେ। ସେଠାରେ ସେ କଣ୍ଟିଲୋସ୍ଥିତ ନୀଳମାଧବଙ୍କୁ ଦର୍ଶନ କରିଥିଲେ। ଏଥିସହିତ ବିଶ୍ୱାବସୁଙ୍କ ଜନ୍ମପିଠ ବୁଲିଥିଲେ। ରାଷ୍ଟ୍ରପତିଙ୍କ ସହିତ ରାଜ୍ୟପାଳ ହରିବାବୁ କମ୍ଭମପତି, ବାଚସ୍ପତି ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗ ଦେଇଥିଲେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ସୋମବାର ରାଷ୍ଟ୍ରପତି ନୟାଗଡରୁ ଫେରି ଭୁବନେଶ୍ୱର ଆସିବେ। ସେ ରାଜଭବନରେ ରାତ୍ରୀ ଯାପନ କରିବା ପରେ ମଙ୍ଗଳବାର ସକାଳେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ତେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ନୟାଗଡ଼ କଣ୍ଟିଲୋ ସ୍ଥିତ ନୀଳମାଧ ଗସ୍ତରେ ଯାଇ ବିଶ୍ୱାବସୁ ସମାଜ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ରାଷ୍ଟ୍ରପତି ଏହି ଗସ୍ତକୁ ଏକ ସୁଯୋଗ ଭାବେ ବର୍ଣ୍ଣନା କରିଛନ୍ତି। ରାଷ୍ଟ୍ରପତି ପ୍ରଭୁ ଜଗନ୍ନାଥଙ୍କ ଆଦିପୀଠ କୁହାଯାଉଥିବା କଣ୍ଟିଲୋ ନୀଳମାଧ ପୀଠର ବିକାଶ ହୋଇନଥିବା ବିଷୟ ପ୍ରକାଶ କରି କ୍ଷୋଭ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀଳମାଧ ପୀଠର ବିକାଶ ଲାଗି ଅର୍ଥର ଅଭାବ ରହିବ ନାହିଁ ବୋଲି କହିବା ପରେ ରାଷ୍ଟ୍ରପତି ସନ୍ତୋଷ ପ୍ରକାଶ କରିବା ସହ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। କାଳିଆପଲ୍ଲୀରେ ସମାବେଶକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଥିଲେ ଯେ, ଏହି ଅଞ୍ଚଳର ଚମତ୍କାର ଦୃଶ୍ୟ ଅତ୍ୟନ୍ତ ଆକର୍ଷଣୀୟ। ଏହା ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀରେ ପରିଣତ ହେବାର ସମ୍ଭାବନା ରହିଛି। ଏହି ଅଞ୍ଚଳରେ ଭିତ୍ତିଭୂମିର ବିକାଶ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କୁ ଆକୃଷ୍ଟ କରିବ ବୋଲି ସେ କହିଥିଲେ। ପର୍ଯ୍ୟଟନର ବିକାଶ ହେଲେ ସେହି ଅଞ୍ଚଳର ଅର୍ଥନୀତି ମଧ୍ୟ ସୁଦୃଢ଼ ହେବ। ଏହି ସ୍ଥାନ ଓ ଅଞ୍ଚଳର ବିକାଶରେ ସହଯୋଗ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। କୃଷି, ହସ୍ତଶିଳ୍ପ, ପର୍ଯ୍ୟଟନ ଆଦି ବିଭିନ୍ନ କ୍ଷେତ୍ରରେ ନୟାଗଡ଼ର ସମ୍ଭାବନାକୁ ପୂର୍ଣ୍ଣ ରୂପ ଦେବା ପାଇଁ ସମସ୍ତେ ଆଗେଇ ଆସିବା ଦରକାର ବୋଲି ସେ • ପୃଷ୍ଠା ୭ ଦେଖନ୍ତୁ...

### ଭାରତ ବିଶ୍ୱାବସୁ ଶବର ସମାଜ ପ୍ରତିଷ୍ଠା ଦିବସ

## ଜନଜାତି ଭାଇ ଭଉଣୀମାନେ ବିକାଶର ବାର୍ତ୍ତା ହେବେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୩ (ଡିକେ ନ୍ୟୁଜ୍) : ନୟାଗଡ ଜିଲ୍ଲା କଣ୍ଟିଲୋ ଠାରେ ଭାରତ ବିଶ୍ୱାବସୁ ଶବର ସମାଜ ପ୍ରତିଷ୍ଠା ଦିବସକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଉଦଘାଟନ କରିଛନ୍ତି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗ ଦେଇ କହିଥିଲେ ଯେ ପ୍ରଭୁ ନୀଳମାଧବଙ୍କର ଏହି ପୁଣ୍ୟପୀଠକୁ ଆସିବା ମୋର ସୌଭାଗ୍ୟ। ମହାମହିମ ନିଜର ସମସ୍ତ ବ୍ୟସ୍ତ ବହୁଳ ଓ କାର୍ଯ୍ୟବହୁଳ ସମୟରୁ ସମୟ କାଢି ନିଜ ରାଜ୍ୟକୁ ଆସିଛନ୍ତି। ଭାରତୀୟ ବିଶ୍ୱାବସୁ ଶବର ସମାଜ ପ୍ରତିଷ୍ଠା ଦିବସର ଉଦଘାଟନ କରିଛନ୍ତି। ଭାରତର ସର୍ବୋଚ୍ଚ ଶାସନକର୍ତ୍ତା ହୋଇ ମଧ୍ୟ ନିଜ ମାଟି ପ୍ରତି ଭଲ ପାଇବା, ଆବିଳତାକୁ ମୁଁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ। ଆଦିମ ଜନଜାତି ଶବର, ବନବାସୀ ସଂପ୍ରଦାୟ ଓଡ଼ିଶାର ପ୍ରାଚୀନ ଅଧିବାସୀୟ ମହାନଦୀ ଅବବାହିକାର ଉର୍ବର ମୃତ୍ତିକା ଓ ଚରଣ ଭୂମି ସହିତ ବଣପାହାଡ଼ ଘେରା ଅଞ୍ଚଳ ଏହି ଆଦିମ ସଂପ୍ରଦାୟକୁ ବସତି ସ୍ଥାପନରେ ସହାୟକ ହୋଇଆସିଛି। ଏହି ସଂପ୍ରଦାୟର ମୁଖ୍ୟ ଆଧାର ହେଉଛନ୍ତି କିମ୍ବଦନ୍ତୀ ଓ ପୁରାଣରେ ବର୍ଣ୍ଣିତ ଶବର ରାଜା ବିଶ୍ୱାବସୁ। ଏହି ଉତ୍ସବ ଆମ ଐତିହ୍ୟ, ପରମ୍ପରା ଓ ଭାବାବେଗ ସହ ଜଡ଼ିତ ବୋଲି ମୁଁ ଅନୁଭବ କରେ। ସର୍ବଧର୍ମର ସମନ୍ୱୟ କ୍ଷେତ୍ର ଭାବେ ନୟାଗଡ ଜିଲ୍ଲା ପ୍ରସିଦ୍ଧି ଲାଭ କରିଛି। ଓଡ଼ଗାଁର ରଘୁନାଥ ଜୀଉଙ୍କଠାରୁ ଆରମ୍ଭ କରି ଶରଣକୁଳର ଲଡ୍ଡୁବାବାଙ୍କ ପର୍ଯ୍ୟନ୍ତ ଏବଂ ମା' ଦକ୍ଷିଣକାଳୀଙ୍କଠାରୁ ଆରମ୍ଭ କରି ନୀଳମାଧବଙ୍କ ପର୍ଯ୍ୟନ୍ତ; ବୈଷ୍ଣବ, ଶୈବ, ଶାକ୍ତ ଧର୍ମର ନିଦର୍ଶନ ଏହିଠାରେ



ଦେଖିବାକୁ ମିଳେ। ଆମ ସରକାର ଜନଜାତି ସମ୍ପ୍ରଦାୟଙ୍କ ଉଚ୍ଚ ପରମ୍ପରା ଓ ଐତିହ୍ୟର ସୁରକ୍ଷା ପାଇଁ ପ୍ରତିବଦ୍ଧ ଅଛନ୍ତି। ଜଙ୍ଗଲ ଜମି ଅଧିକାର ପ୍ରଦାନ ବଳରେ ସେମାନଙ୍କୁ ସଶକ୍ତ କରାଯାଉଛି। ଆଦିବାସୀମାନଙ୍କ ସାମଗ୍ରିକ ବିକାଶ ଉପରେ ଆମ ସରକାର ଗୁରୁତ୍ୱ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଜନଜାତି ଭାଇ ଭଉଣୀମାନେ ଆମ ବିକାଶର ବାର୍ତ୍ତାବହ ହେବେ। ଏହି ଅନୁଷ୍ଠାନ ଓ ଏ ଅଞ୍ଚଳର ବିକାଶ କରାଯିବ। ଆମ ନୂତନ ସରକାର ଆସିବା ପରେ ଏହି ଅଞ୍ଚଳର ବିକାଶ ପାଇଁ ଅର୍ଥ ପ୍ରଦାନ କରାଯାଉଛି। ଏଠାରେ ଥିବା ପଠାଣି ସାମନ୍ତ ପ୍ଲାନେଟୋରିଅମ ପାଇଁ ୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ସାଇନ୍ସ ପାର୍କ ଏବଂ ସାଇନ୍ସ ସେଣ୍ଟର ପାଇଁ ୬ କୋଟି ଟଙ୍କା, ପଠାଣି ସାମନ୍ତ ସ୍ମୃତି ପୀଠ ପାଇଁ ମଧ୍ୟ ୨ କୋଟି ଟଙ୍କା ଦିଆଯାଇଛି। ଏହି ଅଞ୍ଚଳରେ ଏସିଆର ସର୍ବବୃହତ୍ତ ଉଷ୍ଣପ୍ରସ୍ରବଣ କେନ୍ଦ୍ର ପାଇଁ ମଧ୍ୟ ୨ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେହିପରି ମନ୍ଦିର ପରିଚାଳନା କମିଟି ପକ୍ଷରୁ ମୋତେ ଅନେକ ଦାବି ଉପସ୍ଥାପନ କରାଯାଇଛି, ଯେପରିକି ମନ୍ଦିର ବାର୍ଷିକ ପରିଚାଳନା ପାଇଁ ଆର୍ଥିକ ବ୍ୟବସ୍ଥା, ଏକ ସ୍ୱତନ୍ତ୍ର କର୍ପସ ଫଣ୍ଡ ଏବଂ ଅନ୍ୟାନ୍ୟ ଦାବି ରଖାଯାଇଛି। ପୂର୍ବ ସରକାର ୨୦୨୨ ମସିହାରେ ଯେଉଁ ୧୦୦ କୋଟି ଟଙ୍କା ପ୍ରଦାନ କରିଥିଲେ ଉକ୍ତ କାମ ଆଗେଇ ପାରିନାହିଁ। ଏହି ଅଞ୍ଚଳ କିପରି ଦେଶର ଟୁରିଜିମ ମାନଚିତ୍ରରେ ସ୍ଥାନ ପାଇବ ସେଥିନେଇ ଆମର ଉଦ୍ୟମ ଜାରି ରହିବ। ମନ୍ଦିରର ଉନ୍ନତି, ସୌନ୍ଦର୍ଯ୍ୟକରଣ ଓ ପରିଚାଳନା ପାଇଁ ଟଙ୍କାର ଅଭାବ ରହିବ ନାହିଁ। ଜିଲ୍ଲାପାଳଙ୍କୁ ମଧ୍ୟ ପୁନର୍ବାର ଏକ ଡିପିଆର ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି। ଏହି ନୀଳମାଧବ କ୍ଷେତ୍ରକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ଏବଂ ଆଧ୍ୟାତ୍ମିକ, ଧାର୍ମିକ ସ୍ଥଳ କରିବା ପାଇଁ ଯାହା ଆବଶ୍ୟକ ହେବ ଆମ ସରକାର ଆଗାମୀ ଦିନରେ ସବୁ କରିବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ବାଚସ୍ପତି ସୁରମା ପାଢୀ, ବିଧାୟକ, ଖଣ୍ଡପଡା ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଧାୟକ ବଡମ୍ବା ବିଜୟ କୁମାର ଦଳବେହେରା ଏବଂ ଭାରତୀୟ ବିଶ୍ୱାବସୁ ଶବର ସମାଜ ଫାଉଣ୍ଡେସନର ସଭାପତି ଏବଂ ସମ୍ପାଦକ ପ୍ରମୁଖ ଅଭିଭାଷଣ ରଖିଥିଲେ।

## ଚିଟ୍ ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ ହେବ!

ଭୁବନେଶ୍ୱର, ୨୪।୩ (ଡିକେ ନ୍ୟୁଜ୍): ଠକେଇ ଯୋଜନାରେ ଟଙ୍କା ହରାଇଥିବା ଚିଟଫଣ୍ଡ ଜମାକାରୀଙ୍କ ପାଇଁ ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ଓଡ଼ିଶା ସରକାର ଏକ ନୂତନ ନିର୍ଦ୍ଦେଶାବଳୀ ଉପରେ କାର୍ଯ୍ୟ କରୁଛନ୍ତି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ପ୍ରଭାବିତ ନିବେଶକମାନଙ୍କୁ ଟଙ୍କା ଫେରସ୍ତ କରିବା ସରଳ ଏବଂ ତ୍ୱରାନ୍ୱିତ କରିବା। ଓଡ଼ିଶା ବିଧାନସଭାରେ ଏକ ପ୍ରତିକ୍ରିୟାରେ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସୂଚନା ଦେଇଛନ୍ତି ଯେ, ଏକ ମାମଲାମୁକ୍ତ ଏବଂ ସ୍ୱଚ୍ଛ ରିଫଣ୍ଡ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ନୂତନ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ ୯୬,୪୭୪ ଜଣ ଜମାକାରୀ ମୋଟ ୪୫.୬୯ କୋଟି ଟଙ୍କା ଫେରସ୍ତ ପାଇଛନ୍ତି। ତଥାପି, ଅନେକ ନିବେଶକ ସେମାନଙ୍କର କଠିନ ପରିଶ୍ରମର ଟଙ୍କା ଫେରି ପାଇବା ପାଇଁ ଅପେକ୍ଷା କରିଛନ୍ତି। ସରକାର ପ୍ରତିଶ୍ରୁତି ଦେଇଛନ୍ତି • ପୃଷ୍ଠା ୭ ଦେଖନ୍ତୁ...

## ଏମପିଙ୍କ ଦରମା ବୃଦ୍ଧି କଲେ କେନ୍ଦ୍ର ସରକାର



ନୂଆଦିଲ୍ଲୀ, ୨୪।୩ (ହି.ସ): କେନ୍ଦ୍ର ସରକାର ସୋମବାର ଏମପିଙ୍କ ଦରମା ବୃଦ୍ଧି ଘୋଷଣା କରିଛନ୍ତି। ୧ ଏପ୍ରିଲ ୨୦୨୩ରୁ ଏମପିମାନେ ୧ ଲକ୍ଷ ଟଙ୍କା ବଦଳରେ ୧.୨୪ ଲକ୍ଷ ଟଙ୍କା ଦରମା ପାଇବେ। ସରକାରଙ୍କ ଦ୍ୱାରା ଏମପିଙ୍କ ପେନସନ ଏବଂ ଭତ୍ତା ମଧ୍ୟ ବୃଦ୍ଧି କରାଯାଇଛି। ଏହି ପରିବର୍ତ୍ତନଗୁଡ଼ିକ ସଂସଦ ସଦସ୍ୟଙ୍କ ଦରମା, ଭତ୍ତା ଏବଂ ପେନସନ ଆଇନ, ୧୯୫୪ ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି କରାଯାଇଛି ଏବଂ ଆୟକର ଆଇନ, ୧୯୬୧ରେ ଉଲ୍ଲେଖିତ ମୂଲ୍ୟ ମୁଦ୍ରାସ୍ଫୀତି ସୂଚକାଙ୍କ ଉପରେ ଆଧାରିତ। ଏହି ନିଷ୍ପତ୍ତି ପୂର୍ବରୁ ଏମପିଙ୍କ ପେନସନ ୨୫,୦୦୦ ଟଙ୍କା ଥିଲା, ଏବେ ଏହାକୁ ୩୧,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି, ଦୁଇଥର କିମ୍ବା ତିନିଥର ଏମପି ହୋଇଥିବା ଏମପିଙ୍କ ଅତିରିକ୍ତ ପେନସନ ୨୦୦୦ ଟଙ୍କାରୁ ୨୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସଂସଦର ଚଳିତ ବଜେଟ ଅଧିବେଶନରେ ଏମପିମାନଙ୍କ ଦରମା, ଭତ୍ତା ଏବଂ ପେନସନରେ ସଂଶୋଧନ ଘୋଷଣା କରାଯାଇଛି। ପୂର୍ବରୁ ୨୦୧୮ ଏପ୍ରିଲରେ, କାର୍ଯ୍ୟରତ ଏବଂ ପୂର୍ବତନ ଏମପିମାନଙ୍କୁ ଦିଆଯାଉଥିବା ଦରମା ଏବଂ ଭତ୍ତା ସଂଶୋଧନ ଘୋଷଣା କରାଯାଇଥିଲା। ୨୦୧୮ ମସିହାରେ ସଂଶୋଧନରେ ଘୋଷିତ ଏମପିମାନଙ୍କ ପାଇଁ ମୂଳ ଦରମା ପ୍ରତିମାସ ୧,୦୦,୦୦୦ ଟଙ୍କା ଥିଲା। ୨୦୧୮ ସଂଶୋଧନ ଅନୁଯାୟୀ, ଏମପିମାନେ ସେମାନଙ୍କ କାର୍ଯ୍ୟାଳୟକୁ ଅପ୍ ଟୁ ଡେଟ୍ ରଖିବା ଏବଂ ସେମାନଙ୍କ ଜିଲାରେ ଭୋଟରଙ୍କ ସହ ଯୋଗାଯୋଗ କରିବା ପାଇଁ ନିର୍ବାଚନମଣ୍ଡଳୀ ଭତ୍ତା ଭାବରେ ୭୦,୦୦୦ ଟଙ୍କା ପାଆନ୍ତି। ଏହା ବ୍ୟତୀତ, ସେମାନେ ପ୍ରତି ମାସରେ କାର୍ଯ୍ୟାଳୟ ଭତ୍ତା ଭାବରେ ୬୦,୦୦୦ ଟଙ୍କା ଏବଂ ସଂସଦୀୟ ଅଧିବେଶନ ସମୟରେ ଦୈନିକ ଭତ୍ତା ଭାବରେ ୨,୦୦୦ ଟଙ୍କା • ପୃଷ୍ଠା ୭ ଦେଖନ୍ତୁ...

### ଆଗକୁ ଓଡ଼ିଶାରେ ଅସହ୍ୟ ଗରମ

## ୩ ଦିନ ମଧ୍ୟରେ ୪୦ ଡିଗ୍ରୀ ଅତିକ୍ରମ କରିବ ତାପମାତ୍ରା



ଭୁବନେଶ୍ୱର, ୨୪।୩ (ଡିକେ ନ୍ୟୁଜ୍): କାଳବୈଶାଖୀ ପ୍ରଭାବରେ ଓଡ଼ିଶାର ବିଭିନ୍ନ ପ୍ରବଳ ବର୍ଷା ଏବଂ ବଜ୍ରପାତ ପରେ, ଓଡ଼ିଶାରେ ପୁଣି ଥରେ ଉଷ୍ଣ ପାଗ ଫେରିବାକୁ ଯାଉଛି, ଯାହା ଆଗାମୀ ଦିନରେ ସାଧାରଣ ଜୀବନକୁ ପ୍ରଭାବିତ କରିବ। ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ସୋମବାରଠାରୁ ପାରଦ ବୃଦ୍ଧି ପାଇଛି ଏବଂ ଦୁଇ ଦିନ ପରେ ଦିନ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଛୁଇଁବ। ଯେହେତୁ ଓଡ଼ିଶାର କୌଣସି ସ୍ଥାନ ପାଇଁ ବଜ୍ରପାତ ସତର୍କତା ନାହିଁ, ତେଣୁ ୩ ଦିନ ମଧ୍ୟରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିବାର ସମ୍ଭାବନା ଅଧିକ। ଆଗାମୀ ତିନି ଦିନ ମଧ୍ୟରେ ଦିନର ତାପମାତ୍ରା ୩-୫ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ସମ୍ଭାବନା ଥିବାବେଳେ, • ପୃଷ୍ଠା ୭ ଦେଖନ୍ତୁ...

### ଜଜଙ୍କ ଘରୁ ପୁଳାପୁଳା ଟଙ୍କା ମିଳିବା ଘଟଣା

## ନ୍ୟାୟିକ କାର୍ଯ୍ୟରୁ ଜଷ୍ଟିସ ବର୍ମାଙ୍କୁ ହଟାଇଲେ ହାଇକୋର୍ଟ

ନୂଆଦିଲ୍ଲୀ, ୨୪।୩ (ହି.ସ): ବଢିଲା ଜଷ୍ଟିସ ଯଶବନ୍ତ ବର୍ମାଙ୍କ ଅଡୁଆ। ତାଙ୍କୁ ସୋମବାର ଦିଲ୍ଲୀ ହାଇକୋର୍ଟ ତାଙ୍କୁ ତତ୍କାଳ ଭାବେ ସମସ୍ତଙ୍କ ପ୍ରକାରର ନ୍ୟାୟିକ କାର୍ଯ୍ୟରୁ ହଟାଇ ଦେଇଛନ୍ତି। ନିଆଁ ଲିଭା କାମ ବେଳେ ଜଷ୍ଟିସ ବର୍ମାଙ୍କ ଘରୁ ବିପୁଳ ପରିମାଣର ନଗଦ ଟଙ୍କା ମିଳିଥିଲା। ଏହାକୁ ଅବିଶ୍ୱସନୀୟ ଓ ଗଭୀର ଷଡ଼ଯନ୍ତ୍ର କହି ଜଷ୍ଟିସ ବର୍ମା ଏଡ଼ାଇ ଦେବାକୁ ଚେଷ୍ଟା କରିଥିଲେ ହେଁ ବିବାଦ ତାଙ୍କ ପିଛା ଛାଡ଼ି ନାହିଁ। ସୋମବାର ଏହି ବିବାଦୀୟ ଘଟଣାକୁ ଦୃଷ୍ଟିରେ ରଖି ଦିଲ୍ଲୀ ହାଇକୋର୍ଟ ତାଙ୍କର କାର୍ଯ୍ୟାନ୍ତର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ପକ୍ଷରୁ ଜାରି ସର୍କ୍ୟୁଲାରରେ କୁହାଯାଇଛି, ନିକଟରେ ଘଟୁଥିବା ଘଟଣାଗୁଡ଼ିକୁ ଦୃଷ୍ଟିରେ ରଖି ଜଷ୍ଟିସ ଯଶବନ୍ତ ବର୍ମାଙ୍କୁ ସମସ୍ତ ପ୍ରକାରର ନ୍ୟାୟିକ କାର୍ଯ୍ୟରୁ ତତ୍କାଳ ଭାବେ ହଟାଯାଉଛି। ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ଏହା ବଳବତ୍ତର ରହିବ। କୋର୍ଟ ପକ୍ଷରୁ ଆଉ ଏକ ସର୍କ୍ୟୁଲାର ସୋମବାର ଠାରୁ ଜଷ୍ଟିସ ବର୍ମା ଶୁଣାଣି କରିବାକୁ ଥିବା ମାମଲାରୁ ତାଙ୍କ ନାଁକୁ କାଟି ଦିଆଯାଇଛି। ଅନ୍ୟ ଜଣେ ବିଚାରପତିଙ୍କୁ ତାଙ୍କ ସ୍ଥାନରେ ମାମଲାର ଶୁଣାଣି ପାଇଁ କୁହାଯାଇଛି। ଜଷ୍ଟିସ ବର୍ମାଙ୍କ ଘରୁ ଅଘୋଷିତ ପୁଳାପୁଳା ନଗଦ ଟଙ୍କା ମିଳିବା ଘଟଣାକୁ ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଗୁରୁତ୍ୱର ସହ ନେଇଥିଲେ। ସେ ଅସ୍ଥାୟୀ ଭାବେ ଜଷ୍ଟିସ ବର୍ମାଙ୍କୁ ନିଲମ୍ବିତ କରିବା ପାଇଁ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପରେ ଦିଲ୍ଲୀ ହାଇକୋର୍ଟ ଜଷ୍ଟିସ ବର୍ମାଙ୍କୁ ସୋମବାର ନ୍ୟାୟିକ କାର୍ଯ୍ୟରୁ ହଟାଇଛନ୍ତି। ମାର୍ଚ୍ଚ ୧୪ରେ ଦିଲ୍ଲୀ ସ୍ଥିତ ଜଷ୍ଟିସ ବର୍ମାଙ୍କ ସରକାରୀ ବାସଭବନରେ ନିଆଁ ଲାଗି ଯାଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ଓ ପୋଲିସ୍ ଟିମ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେମାନେ ନିଆଁକୁ ଆୟତ୍ତ କରିବା ପରେ ଘରେ ଯାଞ୍ଚ କରିଥିଲେ। ଏହି ସମୟରେ ଜଷ୍ଟିସ ବର୍ମାଙ୍କ ଘରୁ ପୁଳାପୁଳା ନଗଦ ଟଙ୍କା ମିଳିଥିଲା। ବରିଷ୍ଠ ଅଧିକାରୀଙ୍କୁ ଏସମ୍ପର୍କରେ ଅବଗତ କରାଯାଇଥିଲା। ଏହାପରେ ଖବର ମାର୍ଚ୍ଚ ୧୫ରେ ପ୍ରଧାନ ବିଚାରପତିଙ୍କ ପାଖରେ ପହଞ୍ଚିଥିଲା। ସିଜେଆଇ ତୁରନ୍ତ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଘଟଣା ସମ୍ପର୍କରେ ରିପୋର୍ଟ ମାଗିଥିଲେ। ଏଥିସହ ଜଷ୍ଟିସ ଟଙ୍କା ମିଳିବା ଘଟଣାରେ ଜଷ୍ଟିସ ବର୍ମାଙ୍କୁ କାରଣ ଦର୍ଶାଇବାକୁ ମଧ୍ୟ କହିଥିଲେ। ସୁପ୍ରିମକୋର୍ଟ ଶୁକ୍ରବାର କହିଥିଲେ ଯେ ସୂଚନା ମିଳିବା ପରେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ କରିଥିଲେ। ମାର୍ଚ୍ଚ ୨୦ କଲେଜିୟମ ବୈଠକ ପୂର୍ବରୁ ମିଳିଥିବା ସମସ୍ତ ସୂଚନା ଦାଖଲ କରିଥିଲେ। ତେବେ ଅଗ୍ନିକାଣ୍ଡ ପରେ ଘର ଭିତରୁ ଅଧା ପୋଡ଼ା ନୋଟ ମିଳିବା ଘଟଣାକୁ ଜଷ୍ଟିସ ବର୍ମା ଖଣ୍ଡନ କରିଛନ୍ତି। ସେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଦେବେନ୍ଦ୍ର କୁମାର ଉପାଧ୍ୟାୟଙ୍କୁ ଚିଠି ଲେଖି ଅଭିଯୋଗ ଭିତ୍ତିହୀନ, ଅବିଶ୍ୱସନୀୟ ଓ ଗଭୀର ଷଡ଼ଯନ୍ତ୍ର ବୋଲି କହିଛନ୍ତି। ତଥାକଥିତ ନଗଦ ଟଙ୍କା ମିଳିବା ଘଟଣା ସହ ସେ କିମ୍ବା ତାଙ୍କ ପରିବାରର କୌଣସି ସମ୍ପର୍କ ନଥିବା ଜଷ୍ଟିସ ବର୍ମା ସଫେଇ • ପୃଷ୍ଠା ୭ ଦେଖନ୍ତୁ...

## କୁଆପଥର ମାଡ଼ୁ କ୍ଷୟକ୍ଷତି: ୨୦.୩୮ କୋଟି ଟଙ୍କାର କ୍ଷତିପୂରଣ ମଞ୍ଜୁର



ଭୁବନେଶ୍ୱର, ୨୪।୩ (ଡିକେ ନ୍ୟୁଜ୍): ଓଡ଼ିଶାର ମୟୂରଭଞ୍ଜରେ କାଳବୈଶାଖୀ ଯୋଗୁ ହୋଇଥିବା କ୍ଷୟକ୍ଷତି ପାଇଁ ୨୦.୩୮ କୋଟି ଟଙ୍କାର ଅସ୍ଥାୟୀ କ୍ଷତିପୂରଣ ଘୋଷଣା କରାଯାଇଛି। ଯାହା ଦ୍ୱାରା ୮,୫୪୭ ଜଣ ବାସିନ୍ଦା ପ୍ରଭାବିତ ହୋଇଛନ୍ତି। ଜିଲ୍ଲାର ବାଙ୍ଗିରିପୋଷି ଏବଂ ବିସୋଇ ବ୍ଲକର ଗ୍ରାମଗୁଡ଼ିକ ସର୍ବାଧିକ ପ୍ରଭାବିତ ହୋଇଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରକାଶ କରିଛନ୍ତି। ମୟୂରଭଞ୍ଜ କଲେକ୍ଟରଙ୍କଠାରୁ ପ୍ରାପ୍ତ ଅସ୍ଥାୟୀ କ୍ଷୟକ୍ଷତି ଆକଳନ ରିପୋର୍ଟ ଆଧାରରେ, ଓଡ଼ିଶା ସରକାର କ୍ଷତିପୂରଣ ମଞ୍ଜୁର କରିଛନ୍ତି ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ଶକ୍ତିଶାଳୀ କାଳବୈଶାଖୀ ଝଡ଼ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଆଣିଛି। ଏହି ଝଡ଼ ୧୩ଟି ବ୍ଲକରେ ବିସ୍ତୃତ ୫୧ଟି ଗାଁରେ ତାଣ୍ଡବ ରଚିଛି। ଯାହା ୮,୫୪୭ ଜଣ ବାସିନ୍ଦାଙ୍କୁ ପ୍ରଭାବିତ କରିଛି। ଯେଉଁମାନଙ୍କ ମଧ୍ୟରୁ ଅନେକଙ୍କୁ ତୁରନ୍ତ ସହାୟତାର ଆବଶ୍ୟକତା ରହିଛି। ସୂଚନା ଅନୁଯାୟୀ, ପ୍ରବଳ ପବନ ଏବଂ ଖରାପ ପାଗ ଯୋଗୁ ପ୍ରାୟ ୩,୫୩୮ ଘର ନଷ୍ଟ ହୋଇଯାଇଛି ଏବଂ ପ୍ରାୟ ୪୪୨ ହେକ୍ଟର ଗୁରୁତ୍ୱପୂର୍ଣ୍ଣ କୃଷି ଏବଂ ଉଦ୍ୟାନ ଜମିରେ ବ୍ୟାପକ କ୍ଷତି ହୋଇଛି। ଏହି କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରଭାବିତ ଅଞ୍ଚଳରେ ପୁନରୁଦ୍ଧାର ପ୍ରୟାସକୁ ସହାୟତା କରିବା ପାଇଁ ୨୦.୩୮ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାର ଅନେକ ଗାଁରେ ପହଞ୍ଚି ପାରିନାହିଁ। ଯଦି ଆଜବେଷ୍ଟସ୍ ଛାତ ଘର ବଦଳରେ ପକ୍କା ଘର ଥାଆନ୍ତା, ତେବେ ପରିବାରଗୁଡ଼ିକର ଏତେ କ୍ଷତି ହୋଇ ନଥାନ୍ତା। ପୂର୍ବରୁ ଏକ ଡାଟାବେସ୍ ପ୍ରସ୍ତୁତ କରାଯାଇଥିଲା ଏବଂ ଆଶା କରାଯାଉଛି, ସୋମବାର ସନ୍ଧ୍ୟା ସୁଦ୍ଧା ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ଟଙ୍କା ଅନଲାଇନରେ • ପୃଷ୍ଠା ୭ ଦେଖନ୍ତୁ...